# ପତ୍ର ପତ୍ରିକା □ ପୁସ୍ତକ □ ପ୍ରାପ୍ତି ସ୍ୱୀକାର




## ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ

ଓଡ଼ିଶାର ସୁପରିଚିତ ଖ୍ୟାତନାମା ଗଳ୍ପକାର ମନୋଜ ଦାସଙ୍କ ଲିଖିତ ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ ଏକ ସ୍ୱତନ୍ତ୍ର ପରିପାଟୀର ଗଳ୍ପ ସଂକଳନ । ଏଥିରେ ମୋଟ ୧୨ଟି ଗଳ୍ପ ସ୍ଥାନ ପାଇଛି । କିଶୋର ଚରିତ୍ର ପ୍ରଧାନ ଦୀର୍ଘ ଗଳ୍ପ 'ଚତୁର୍ଥ ବନ୍ଧୁ' ଅନୁଯାୟୀ ପୁସ୍ତକର ନାମକରଣ କରାଯାଇଛି । ଉକ୍ତ ଗଳ୍ପରେ ସମ୍ଭୁ, ଜସୁ, ଶେଖର ଓ ଜୋଟି କିଶୋର । କନ୍ୟାବେଳେ ଏକ ମହାବଳ ବାଘ ସେମାନଙ୍କର ବନ୍ଧୁ ହୋଇଯାଇଥିଲା । ବାଘକୁ ନେଇ ଠାକୁର ମୂର୍ତ୍ତି ଚୋରି ହେବା ପରେ ପରିବାରର ମନ୍ଦିର ଭିତରେ ଚନ୍ଦନ ବନ୍ଧ ରଖିଲେ । କାଳକ୍ରମେ ମୂର୍ତ୍ତିଚୋର ଘାଟ ବାଘଦ୍ୱାରା ଆକ୍ରାନ୍ତ ହୋଇ ଗିରଫ ହୋଇଥିଲା ଓ ଠାକୁର ମୂର୍ତ୍ତି ଉଦ୍ଧାର କରାଯାଇଥିଲା । ବାଘ ଅଗରେ ନାଏକଙ୍କ ନାତୁଣୀ ଛଡ଼ା ହୋଇ ଯାଇ ସ୍ୱାମୀଙ୍କୁ ରକ୍ଷା କରିବାର ଘଟଣାରେ ନାଏକଙ୍କ ନାତୁଣୀ ଜ୍ୱାଇଁ ତା'ର ସାଇକେଲ ଦାବି ପ୍ରତ୍ୟାହାର କରି ବାଘ ସ୍ୱୀକୁ ଅଧିକ ପ୍ରଶଂସା କଲା । ପରବର୍ତ୍ତୀ ସମୟରେ ଚାରି ବନ୍ଧୁ ପୃଥକ୍ ହୋଇଥିଲେ । କଥାକାର ଜନସ୍ୱ ବର୍ଣ୍ଣନା ଶୈଳୀ ମାଧ୍ୟମରେ ଖୁବ୍ ସୁନ୍ଦର ଓ ରୋମାଞ୍ଚକର ଭାବରେ ଉଭୟ ବୟସ୍କ ଓ କିଶୋରମାନଙ୍କ ମନକୁ ପାଇଲାଭଳି ଗଳ୍ପଟିକୁ ବର୍ଣ୍ଣନା କରିଛନ୍ତି । ସେହିପରି ଏହି ଗଳ୍ପ ସଂକଳନର ଅନ୍ୟ ଗଳ୍ପ ଯଥା—ବର୍ଷା, ଲଣ୍ଠନ କାହାଣୀ ଆଲୁଅ, ପିତା ଓ ପୁତ୍ର, ଅଦମଣ୍ଡ, ଉତ୍ତରାଧିକାର, ଗ୍ରନ୍ଥ ଓ ଜୋଟି ସମ୍ବାଦକ ପ୍ରଭୃତି ଗଳ୍ପ ସ୍ଥାନ ପାଇଛି । ଚମତ୍କାର ବର୍ଣ୍ଣନାଶୈଳୀ ମାଧ୍ୟମରେ କାହାଣୀକୁ ଏପରି ମନୋଜ୍ଞ ପାଠକମାନଙ୍କ ପାଖରେ ଉପସ୍ଥାପନା କରାଯାଇଛି, ପାଠକ ଗଳ୍ପ ମଧ୍ୟକୁ ପ୍ରବେଶ ମାତ୍ରେ ପରବର୍ତ୍ତୀ ଘଟଣା ପାଇଁ ଉତ୍କଣ୍ଠିତ ହୋଇପଡ଼େ ଏବଂ ଗଳ୍ପକୁ ଶେଷ ନକରି ରହିପାରେ ନାହିଁ । ଏହା କେବଳ ଏ ସଂକଳନର ନୁହେଁ । ମନୋଜ ଦାସଙ୍କ ଛାପ ସମସ୍ତ ଗଳ୍ପର ବିଶେଷତ୍ୱ ।

ଯୋଗାଯୋଗ- ଗ୍ରନ୍ଥାଳୟ, ସି-୧୭, ବାଣିଜ୍ୟ ଭବନ, ୟୁନିଟ-୨, ଭୁବନେଶ୍ୱର । ମୂଲ୍ୟ ପଚିଶଟଙ୍କା ମାତ୍ର ।

## ଜୀବନକୁ ଚ୍ୟାଲେଞ୍ଜ

କବି ଶେଖରଚନ୍ଦ୍ର ସାହୁଙ୍କ କବିତା ପୁସ୍ତକ 'ଜୀବନକୁ ଚ୍ୟାଲେଞ୍ଜ' କବି ମାନସର ସ୍ୱାକ୍ଷର ନେଇ ଆତ୍ମପ୍ରକାଶ କରିଛି । କବି ମାନବ ଜୀବନକୁ ଯେପରି ଦୃଷ୍ଟିରେ ଦେଖିଛି, ସେପରି ପ୍ରକାଶ କରିଛି କବିତାଗୁଡ଼ିକରେ ।

ରୋଗ ଶୋକ ପରିତାପ ବନ୍ଧନ ଦୁଃଖରେ ଆଜି ମନୁଷ୍ୟ ଜୀବନ ଅସହ୍ୟ ହୋଇପଡ଼ିଛି । ସୁଖ, ଶାନ୍ତି, ଜୀବନଠାରୁ ଦୂରେଇ ଯାଇଛି । ଜୀବନ ହିଁ ଆଜି ଦୁଃଖର ସମୁଦ୍ର । କବିଙ୍କ ଭାଷାରେ—"ତୋ ଦୁଃଖର ସମୁଦ୍ରକୁ ପିଇଯିବ ଚାଲ ଚାଲ ଭାଇ ।"

ସମୁଦ୍ର ମନ୍ଥନରୁ ଶିବ ହଳାହଳ ପାନ କଲାପରି ଜୀବନର ସବୁ ଦୁଃଖକୁ ଗ୍ରହଣ କରି ଜୀବନକୁ ଦୁଃଖ ଶୂନ୍ୟ କରିବାର ଏ ଉକ୍ତି—"ସବୁ ଦୁଃଖ ସରିଗଲେ ତୋର କ'ଣ ଆଉ ଥିବ ଯେ ତତେ ଚହଲେଇ ଦେବ, ତୋ ସ୍ମୃତି ସ୍ପନ୍ଦେଇ ଦେବ/ ସେତେବେଳେ ଯାଇ ମୁଁ ହୃଦ ଭରିବୁରେ ଜୀବନ/ଦୁଃଖ ଟିକେ ପାଇଁ ମୋ ଦୁଆରେ ହାତ ପାତିବୁ ।"

ସଂକଳନଟିରେ ପ୍ରେମ, ପ୍ରତୀକ୍ଷା, ମିଳନ, ବିଚ୍ଛେଦ, ଦୁଃଖ, ବନ୍ଧୁତ୍ୱ ଚିନ୍ତା ତଥା ଆଧ୍ୟାତ୍ମିକ ଚିନ୍ତାଧାରା ମୁକ୍ତ ଛନ୍ଦ ସ୍ୱରୂପ ମୋଟ ୭୨ଟି କ୍ଷୁଦ୍ର କବିତା ସ୍ଥାନ ପାଇଛି । ପ୍ରତ୍ୟେକ କବିତାର ରଚନାଶୈଳୀ ଭାଷାମାନର ସରଳ ଓ ସୁବୋଧ । ଶ୍ରୀ ସାହୁଙ୍କ ଏତାଦୃଶ ଉଦ୍ୟମ ଧନ୍ୟବାଦାର୍ହ । ଯୋଗାଯୋଗ—ଶ୍ରୀମତୀ ପଦ୍ମାବତୀ ସାହୁ, ତୁଳସୀପୁର, କଟକ, ମୂଲ୍ୟ ଟ ୧୨.୦୦ ମାତ୍ର ।

## A New way Translation

ଶ୍ରୀ ଜଗନ୍ନାଥ ମିଶ୍ର ଓ ଶ୍ରୀ ଈଶ୍ୱର ଚନ୍ଦ୍ର ଦାଶଙ୍କ ମିଳିତ ଉଦ୍ୟମରେ ଲିଖିତ 'A New way Translation' ପୁସ୍ତକଟି ସଦ୍ୟ ପ୍ରକାଶିତ । ଏକ ସରଳ, ଶିକ୍ଷଣୀୟ ଓ ପରିଚ୍ଛନ୍ନ ଶୈଳୀରେ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ ଶିକ୍ଷାରେ ସାହାଯ୍ୟ କରିବା ପାଇଁ ପୁସ୍ତକଟି ରଚିତ । ମୋଟ ୪୧ଟି ଅଧ୍ୟାୟରେ ଇଂରାଜୀ ଭାଷାକୁ ଛାତ୍ରଛାତ୍ରୀମାନେ କିପରି ସହଜ ଉପାୟରେ ଅନୁବାଦ କରିପାରିବେ, ତାହା ଏଥିରେ ଦର୍ଶାଇ ଦିଆଯାଇଛି । ଇଂରାଜୀ ଶିକ୍ଷା କ୍ଷେତ୍ରରେ ଏହି ପୁସ୍ତକ ଛାତ୍ରଛାତ୍ରୀମାନଙ୍କୁ ଯେ ଅତ୍ୟନ୍ତ ସହାୟକ ହେବ ଏଥିରେ ସନ୍ଦେହ ନାହିଁ । ଏପରି ଏକ ଉଦ୍ୟମର ଆବଶ୍ୟକତା ଦୃଷ୍ଟିରୁ ପୁସ୍ତକଟିର ପ୍ରଣୟନ କିପରି ଗୁରୁତ୍ୱପୂର୍ଣ୍ଣ ଭାବରେ କରାଯାଇଛି ସେ ସମ୍ପର୍କରେ ଦୁଇଟି ଉପାଦେୟ ମୁଖବନ୍ଧ ମଧ୍ୟ ପୁସ୍ତକରେ ସଂଯୋଜିତ ହୋଇଛି ।

ପୁସ୍ତକଟିର ପ୍ରକାଶକ : ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨ ।

## ତାରାଶଙ୍କର ବନ୍ଦ୍ୟୋପାଧ୍ୟାୟ

ଭାରତୀୟ ସାହିତ୍ୟ ସ୍ରଷ୍ଟା ଗ୍ରନ୍ଥମାଳା ସିରିଜ୍‌ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ସୁପରିଚିତ ଜ୍ଞାନପୀଠ ବିଜେତା ସାହିତ୍ୟିକ ତାରାଶଙ୍କର ବନ୍ଦ୍ୟୋପାଧ୍ୟାୟଙ୍କ ଜୀବନୀ ଓ କୃତିର ପରିଚୟାତ୍ମକ ମନୋଗ୍ରାଫ ପୂର୍ବରୁ ମହାଶ୍ୱେତା ଦେବୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ପ୍ରକାଶ ପାଇଥିଲା ।

ସମ୍ପ୍ରତି ଉକ୍ତ ପୁସ୍ତକଟିକୁ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି—ଶ୍ରୀ ରମେଶ ଚନ୍ଦ୍ର ଧଳ ଓ ସାହିତ୍ୟ ଏକାଡ଼େମୀ ଦ୍ୱାରା ତାହା ପ୍ରକାଶ ମଧ୍ୟ ପାଇଛି । ତାରାଶଙ୍କରଙ୍କ ଜୀବନୀ ଓ ସାହିତ୍ୟର ପରିଚୟ ଓଡ଼ିଆ ପାଠକମାନେ ପୁସ୍ତକଟିରୁ ପାଇପାରିବେ । ଅନୁବାଦ ସରଳ ଓ ଉପଭୋଗ୍ୟ ହୋଇଛି । ମୂଲ୍ୟ- ଟ୫.୦୦ ମାତ୍ର ।

## ଭଲ ପାଇବାର ରଙ୍ଗ

ଶ୍ରୀ ପ୍ରସନ୍ନ ପ୍ରଧାନଙ୍କ ଲିଖିତ 'ଭଲ ପାଇବାର ରଙ୍ଗ' ଏକ ଗଳ୍ପ ସଂକଳନ । ପୁସ୍ତକଟିର ଅଧିକାଂଶ ଗଳ୍ପ ପ୍ରେମମୂଳକ । ହେଲେ, କଳ୍ପନା ବିଳାସ, ଭାବପ୍ରବଣତା ଓ ମନମତାଣିଆ ଭାବରେ ପ୍ରେମକୁ




ଚିତ୍ରଣ ନକରି ସେ ପ୍ରେମକୁ ଏକ ସମସ୍ୟା ଭାବରେ ଚିତ୍ରଣ କରିଛନ୍ତି । ମାନଚିତ୍ର ପୋଷ୍ଟ ଅଫିସର, ଦର୍ପଣ, ଅନ୍ଧକାରରୁ ଆଲୋକକୁ, ଶତାବ୍ଦୀର ସ୍ୱର, ଫ୍ରଷ୍ଟ୍ରେସନ, କାହାଣୀ ଏକ ନୀଳ ଚଢ଼େଇର, ସ୍କେଚ୍ ଏଭ ଆହତ ସ୍ୱପ୍ନର, ଅନ୍ଧକାରର ସୂର୍ଯ୍ୟ, ଏ ଯୁଗର ସ୍ୱପ୍ନର ପ୍ରତିଦ୍ୱନ୍ଦ୍ୱୀ, ସାହସ—ଏକ ଜୀବନର ନାମ ଏବଂ ଭଲ ପାଇବାର ରଙ୍ଗ ପ୍ରଭୃତି ଗଳ୍ପ ଏହି ସଂକଳନରେ ସ୍ଥାନ ପାଇଛି । ଗଳ୍ପଗୁଡ଼ିକରେ ନାଟକୀୟ ଛଟା ପରିଲକ୍ଷିତ । ସଂକଳନଟି ଗଳ୍ପ ଲୁବ୍ଧ ପାଠକ ପାଠିକାଙ୍କ ନିକଟରେ ଆଦୃତ ହେବ ବୋଲି ଆଶା । ଯୋଗାଯୋଗ—ଶ୍ରୀମତୀ ଅଞ୍ଜୁ, ୧୮- ଗୌତମ ନଗର, ଭୁବନେଶ୍ୱର-୧୪ ମୂଲ୍ୟ-ଟ୨୩.୦୦ ।

## ପତ୍ରପତ୍ରିକା ଓ ପ୍ରାପ୍ତି ସ୍ୱୀକାର

### କ୍ରାନ୍ତିଧାରା

ପତ୍ରିକା "କ୍ରାନ୍ତିଧାରା"ର ପୂଜା ବିଶେଷାଙ୍କ ୧୯୯୦ ମୁଖ୍ୟ ସମ୍ପାଦକ ଡଃ ପ୍ରସନ୍ନ ପାଟଶାଣୀ ଓ ସମ୍ପାଦକ ସଞ୍ଜୟ ଦାସବର୍ମାଙ୍କ ସମ୍ପାଦନାରେ ସମୃଦ୍ଧ ହୋଇ ଗତ ପୂଜା ଅବସରରେ ପ୍ରକାଶ ପାଇଛି ।

ସଂପୃକ୍ତ ପତ୍ରିକାଟିରେ 'ଗପ' 'କବିତା', 'ସୃଷ୍ଟି ସମୀକ୍ଷା' ଓ 'ସାକ୍ଷାତକାର' ଆଦି ସମୁଦାୟ ୧୪ଟି ବିଷୟ ସ୍ଥାନ ପାଇଛି । ବିଷୟ ବିନ୍ୟାସ, ବିଷୟ ବସ୍ତୁର ବିବିଧତା ଓ କଳେବର ଦୃଷ୍ଟିରୁ ଅନ୍ୟ ପତ୍ରିକା ମଧ୍ୟରେ ବାଛିହୋଇ ପଡ଼ୁଥିଲେ ହେଁ ପତ୍ରିକାଟିରେ ମୁଦ୍ରଣ ତ୍ରୁଟିର କଣ୍ଟକ ଏକ ଦେଖା ମୁଦ୍ରଣ ତ୍ରୁଟି ସୁଧାରି ନେଇପାରିଲେ ଓ ଅଧିକ ଉଦ୍ୟମ କଲେ ପତ୍ରିକାଟି ବହୁଳ ଭାବରେ ପ୍ରସାର ଯେ ହୋଇ ପାରିବ ଏଥିରେ ସନ୍ଦେହ ନାହିଁ ।

ଯୋଗାଯୋଗ— ଏଲ-୩/୨, କେଦାର କଲୋନୀ, ୟୁନିଟ-୩, ଭୁବନେଶ୍ୱର-୧, ମୂଲ୍ୟ— ୧୩ ଟଙ୍କା

'ରୂପ' (କବିତା ସମାରୋହ) ଦଶହରା ୧୯୯୦, ସଂ. ବସନ୍ତ ମହାନ୍ତି । ଯୋଗାଯୋଗ : ପୁରୋହିତ, ମଧୁସୂଦନ ନଗର, ବିଜୟପୁର, ଢେଙ୍କାନାଳ, ଓଡ଼ିଶା-୭୫୯୦୦୨ । ମୂଲ୍ୟ - ଟ୪.୦୦ ।

ଦଗ୍ଧ ଗୋଲାପର କଥା । ଲେଖକ-ରବିନାଥ ପଟ୍ଟନାୟକ । ଯୋଗାଯୋଗ—ଜ୍ୟୋତି ପବ୍ଲିଶର୍ସ, ଚଉଲି, କଟକ । ମୂଲ୍ୟ—୫ ଟଙ୍କା ।

'ହରିଣୀ ଯାଉଛି ଫେରି' । ଲେଖକ-କ୍ଷେତ୍ରମୋହନ ମହାରଣା, ଯୋଗାଯୋଗ-ଜ୍ୟୋତି ପବ୍ଲିକେସନସ ଚଉଲି, କଟକ । ମୂଲ୍ୟ—୫ ଟଙ୍କା ମାତ୍ର ।

'ସୁବୋଧ ହିନ୍ଦୀ ପାଠ ସ୍ପର୍ଶ ଭଣ୍ଡ' ଅଷ୍ଟମଶ୍ରେଣୀ କ୍ରମରେ । ଲେଖକ ଯୋଗୀନ୍ଦ୍ରନାଥ ପାଇକରାୟ । ମୂଲ୍ୟ— ଟ୧.୦୦ ଏବଂ ସାହିତ୍ୟ ଚୟନ ପ୍ରଶ୍ନୋତ୍ତର ୯ମ ଓ ୧୦ମ ଶ୍ରେଣୀ କ୍ରମରେ । ଲେଖକ-ଯୋଗୀନ୍ଦ୍ରନାଥ ପାଇକରାୟ । ଯୋଗାଯୋଗ-ତକ୍ଷଶିଳା, ବାଲୁବଜାର କଟକ । ମୂଲ୍ୟ—ଟ୧.୦୦ ।

'ସ୍ୱର' (ନଭେମ୍ବର ଡିସେମ୍ବର) ୯୦ । ସଂ. ସୁରେଶ ନାୟକ । ଯୋଗାଯୋଗ ସମ୍ପାଦକ 'ସ୍ୱର', ଉର୍ଦ୍ଦିଦ ବିଜ୍ଞାନ ବିଭାଗ, ଭଞ୍ଜବିହାର, ବ୍ରହ୍ମପୁର ।